# Akashvani, Sambalpur

## SAMBALPURI NEWS EVENING BULLETIN

**18 January 2025- 7.02 pm- 7.12 pm.**

**********************************************

୧- କେନ୍ଦ୍ର ସର୍କାର୍ ଗାଁ ଇଲାକାର୍ ବିକାଶ୍‌କେ ସବୁବେଲେ ପ୍ରାଥମିକତା ଦଉଛନ୍ କହେଲେ ପ୍ରଧାନ୍‌ମନ୍ତ୍ରୀ ।

- ସ୍ୱାମୀତ୍ୱ ଯୋଜ୍‌ନାଥି ବାଂଟ୍‌ଲେ ୬୫ ଲାଖ୍ ସମ୍ପତି କାର୍ଡ୍ ।

୨- ଆକାଶ୍‌ବାଣୀର ମନ୍ କି ବାତ୍ କାର୍ଯ୍ୟକ୍ରମ୍‌ଥି ଆଏବା କାଏଲ୍ ଦେଶ୍‌ବାସୀଙ୍କର୍ ସାଙ୍ଗେ ଭାବ ବିନିମୟ କର୍‌ବେ ପ୍ରଧାନ୍‌ମନ୍ତ୍ରୀ ।

୩- ସମ୍ବଲ୍‌ପୁର୍ ପିଏଚ୍‌ଡି ପଢ଼ିଆଠାନେ ଆଏଜ୍‌ଠାନୁ ମୁଲ୍ ହେଉଛେ ସମ୍ବଲପୁର ପୁସ୍ତକ ମେଳା ।

ଆଉର୍

୪- ରାଏଜେ ଶୀତ୍ ଲହରୀ ଜାରି- ଆଏବା ୩ ନୁ ୪ ଦିନ୍ ଭିତ୍‌ରେ କମ୍‌ବା ତାପମାତ୍ରା ।

ସ୍ୱାମୀତ୍ୱ ଯୋଜ୍ନା         ଏନ୍ଏସ୍ଡି

ସର୍କାର୍ ଗାଁ ଲୁକ୍କର୍ ବିକାଶ୍କେ ସବୁବେଲେ ପ୍ରାଥମିକତା ଦେଉଛନ୍ ବଲି ପ୍ରଧାନ୍ମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ । ସ୍ୱାମୀତ୍ୱ ଯୋଜ୍ନା ଅଧୀନ୍ଥି ସମ୍ପତି କାର୍ଡ଼ ବାଂଟ୍ବାର୍ ଅବ୍ସରେ ପ୍ରଧାନ୍ମନ୍ତ୍ରୀ କହିଛନ୍, ଗାଁ ଇଲାକା ନ ରହୁଥିବା ଲୁକ୍କର୍ ବିକାଶ୍ ଲାଗି ସର୍କାର୍ ଭିନ୍ ଭିନ୍ ଯୋଜ୍ନା ଲାଗୁ କରିଛନ୍ ।

(ଭଏସ୍ ଓଭର୍-୧- ପ୍ରଧାନ୍ମନ୍ତ୍ରୀ)

ଇ ଅବ୍ସରେ ପ୍ରଧାନ୍ମନ୍ତ୍ରୀ ଆଭାସୀ ଜରିଏ ଓଡ଼ିଶା ସହେତେ ୧୦ ଟା ରାଜ୍ୟ ଆର୍ ୨ ଟା କେନ୍ଦ୍ରଶାସିତ୍ ଅଂଚଲ୍ର ୫୦ ହଜାର୍ନୁ ଅଏତ୍କା ଗାଁର୍ ଲୁକ୍କୁ ୬୫ ଲାଖ୍ ସମ୍ପତି କାର୍ଡ଼ ବାଂଟିଛନ୍ ।

ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ରାୟଗଡ଼ା ଠାନେ ହେଇଥିବା ଗୁଟେ ଖାସ୍ କାର୍ଯ୍ୟକ୍ରମ୍ଥି ଯୋଗ୍ ଦେଇକରି ଶହେ ୪୨ ଝନ୍ ହିତାଧିକାରୀଙ୍କୁ ସମ୍ପତି ମାଲିକାନା ଜମି ପଟ୍ଟା ଦେଇଛନ୍ । ପ୍ରଧାନ୍ମନ୍ତ୍ରୀ ଆଭାସୀ ଜରିଏ ସ୍ୱାମୀତ୍ୱ ଯୋଜ୍ନାର୍ ହିତାଧିକାରୀ ରାୟଗଡ଼ା ଜିଲ୍ଲାର୍ ଗଜେନ୍ଦ୍ର ସଙ୍ଗୀତାଙ୍କର୍ ସଙ୍ଗେ କଥାବାର୍ତା କରିଛନ୍ । ଇ ବାବ୍ଦେ ତାଙ୍କର୍ ପ୍ରତିକ୍ରିୟାଥି ଗଜେନ୍ଦ୍ର ସଙ୍ଗୀତା କହିଛନ୍...

(ଭଏସ୍ ଓଭର୍-୧- ହିତାଧିକାରୀ)

କାର୍ଯ୍ୟକ୍ରମ୍ଥି ରାଜସ୍ୱ ଆଉ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ୍ ପୂଜାରୀଙ୍କର୍ ସହେତେ ରାୟଗଡ଼ା, ବିଷମ୍କଟକ୍ ବିଧାୟକ୍,

ଜିଲ୍ଲାପାଲ୍ ପ୍ରମୁଖ ଉପସ୍ଥିତ୍ ଥିଲେ । ଇନ ଜନେଇ ଦିଆଯାଇପାରେ ଯେ, ଗ୍ରାମୀଣ ଭାରତ୍‌ର ଅର୍ଥନୀତିକେ ଆଗ୍‌କେ ନେବାର୍ ଲକ୍ଷ୍ୟଥି ୨୦୨୦ ମସିହାଥି ପ୍ରଧାନ୍‌ମନ୍ତ୍ରୀ ଶ୍ରୀ ମୋଦୀ ସ୍ୱାମୀତ୍ୱ ଯୋଜ୍‌ନାର ଶୁଭାରମ୍ଭ କରିଥିଲେ ।

ମନ୍ କି ବାତ୍ ଆର୍‌ଏନ୍‌ୟୁ/ କଟକ୍

ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଏବା କାଏଲ୍ ସଖାଲର୍ ୧୧ ବଜେ ଆକାଶ୍‌ବାଣୀର୍ ମନ୍ କି ବାତ୍ କାର୍ଯ୍ୟକ୍ରମ୍ ଜରିଏ ଦେଶ୍ ଆଉ ଦୁନିଆସାରା ଲୁକ୍‌କର୍ ସାଙ୍ଗେ ଭାବ୍ ବିନିମୟ କର୍‌ବେ । ଇଟା ତାଙ୍କର୍ ଶହେ ୧୮ ନମ୍ବର୍ ମନ୍ କି ବାତ୍ କାର୍ଯ୍ୟକ୍ରମ୍ ହେବା ।

ମନ୍ କି ବାତ୍ କାର୍ଯ୍ୟକ୍ରମ୍ ଆକାଶ୍‌ବାଣୀ ଆଉ ଦୂର୍‌ଦର୍ଶନ୍ ଜରିଏ ଆର୍ ଏଆଇଆର୍ ନ୍ୟୁଜ୍ ୱେବ୍‌ସାଇଟ୍ 'ନ୍ୟୁଜ୍ ଅନ୍ ଏଆଇଆର୍' ମୋବାଇଲ୍ ଆପ୍‌ଥି ପ୍ରସାରଣ୍ କରାଯିବା । ଆକାଶ୍‌ବାଣୀ ସମ୍ବାଦ, ଡିଡି ନ୍ୟୁଜ୍, ପିଏମ୍‌ଓ ଅଫିସ୍, ସୂଚନା ଆଉ ପ୍ରସାରଣ୍ ମନ୍ତ୍ରଣାଳୟର ୟୁ-ଟ୍ୟୁବ୍ ଚେନାଲ୍‌ଥି ଭିଲ୍ ଇଟା ପ୍ରସାରଣ୍ କରାଯିବା । ପ୍ରଧାନ୍‌ମନ୍ତ୍ରୀଙ୍କର୍ ହିନ୍ଦୀ ଅଭିଭାଷଣ୍ ଉତ୍‌ରୁ ଆଂଚଳିକ୍ ଭାଷାଥି ଇତାର୍ ପ୍ରସାରଣ୍

କରାଯିବ। । ସେହିଦିନ ରାତିର୍ ୮ ବଜେ ଆଂଚଲିକ୍ ଭାଷାନ୍ତରଣ୍‌ର ଫେର୍‌ଘାଏ ପ୍ରସାରଣ୍ କରାଯିବା ।

ସଂସଦ୍ ବଜେଟ୍ ଅଧିବେଶନ ଏନ୍‌ଏନ୍‌ଡି

ସଂସଦ୍‌ର ବଜେଟ୍ ଅଧିବେଶନ୍ ଆଏବା ୩୧ ତାରିଖ୍‌ନୁ ମୁଳ୍ ହେବା । ଏପ୍ରିଲ୍ ୪ ତାରିଖ୍‌ତକ୍ ହେବାର୍‌କେ ଥିବା ଇ ଅଧିବେଶନ୍ ୨ ଟା ଖେପେ ବସ୍‌ବା । ଆଏବା ୩୧ ତାରିଖ୍‌ନୁ ଫେବୃଆରୀ ୧୩ ତାରିଖ୍‌ତକ୍ ଚାଲ୍‌ବାର୍‌କେ ଥିବା ପହେଲା ଅଧିବେଶନ୍‌ଥି ୧୦ ଟା କାର୍ଯ୍ୟଦିବସ୍ ଆର୍ ମାର୍ଚ୍ଚ ୧୦ ତାରିଖ୍‌ନୁ ଏପ୍ରିଲ୍ ୪ ତାରିଖ୍‌ତକ୍ ଚାଲ୍‌ବାର୍‌କେ ଥିବା ୨ ନମ୍ବର୍ ଅଧିବେଶନ୍‌ଥି ୧୮ ଟା କାର୍ଯ୍ୟଦିବସ୍ ରହିଛେ । ଅଧିବେଶନ୍‌ର ପହେଲା ଦିନେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଦୁହି ସଦନ୍‌ର ମିଲିତ୍ ଅଧିବେଶନ୍‌କେ ସମ୍ବୋଧିତ୍ କର୍‌ବେ । ଫେବୃଆରୀ ୧ ତାରିଖ୍ ଦିନ ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ୍ ୨୦୨୫-୨୬ ଆର୍ଥିକ୍ ବଛର୍ ଲାଗି ବଜେଟ୍ ଆଗତ୍ କର୍‌ବେ ବଲି ଆମର୍ ସମ୍ବାଦଦାତା ଜନେଇଛନ୍ ।

ସିଙ୍ଗାପୁର୍ ରାଷ୍ଟ୍ରପତି- ଓଡ଼ିଶା ଆଇ ଆଣ୍ଡ ପିଆର୍

ସିଙ୍ଗାପୁର୍ ରାଷ୍ଟ୍ରପତି ଥର୍ମନ୍ ସନ୍‌ମୁଗରତ୍ନମ୍ ଆଏଜ୍ ଓଡ଼ିଶା ଗସ୍ତର୍ ୨ ନମ୍ବର୍ ଦିନେ ପୁରୀ ଜିଲ୍ଲାର୍ ରଘୁରାଜ୍‌ପୁର୍ ଐତିହ୍ୟ ଗାଁ ଆର୍ କୋଣାର୍କ ସୂର୍ଯ୍ୟମନ୍ଦିର୍ ପରିଦର୍ଶନ୍ କରିଛନ୍ । ସିଙ୍ଗାପୁର୍ ରାଷ୍ଟ୍ରପତି ସେନର୍ ଲୋକ୍‌ମାନ୍‌କର୍ ଘରେ ପଟ୍ଟଚିତ୍ର ବନାବାର୍ ଶୈଲୀ ଦେଖିବାର୍ ସହେତେ ଶିଳ୍ପୀମାନ୍‌କର୍ ସହେତେ ଆଲୋଚନା କରିଥିଲେ । ସେନ୍ତା ଆଏଜ୍ ଉପର୍‌ବେଲା ଭୁବ୍‌ନେଶ୍ୱର୍ ଅନ୍ଧାରୁଆ ଠାନେ ଥିବା ଭାରତ୍ ବାୟୋଟେକ୍‌ର ଟୀକା ତିଆରି କେନ୍ଦ୍ରକେ ସିଙ୍ଗାପୁର୍ ରାଷ୍ଟ୍ରପତି ପରିଦର୍ଶନ୍ କର୍‌ବାର୍ ସହେତେ ଅଧିକାରୀମାନ୍‌କର୍ ସାଙ୍ଗେ ଆଲୋଚନା କରିଛନ୍ । ଗଲାକାଏଲ୍ ତାଙ୍କର୍ ଗସ୍ତର୍ ପହେଲା ଦିନ ରାଜ୍ୟ ସର୍‌କାର୍ ଆର୍ ସିଙ୍ଗାପୁର୍‌ର ଭିନ୍ ଭିନ୍ ସଂସ୍ଥା ଭିତ୍‌ରେ ୮ ଟା ବୁଝାମଣା ପତ୍ର ସ୍ୱାକ୍ଷରିତ ହେଇଥିଲା ।

ଡାଟା ମନିଟର୍ ଉଦ୍‌ଘାଟନ୍          ହିନ୍ଦୁସ୍ଥାନ୍ ସମାଚାର୍

ଉପମୁଖ୍ୟମନ୍ତ୍ରୀ ଆର୍ ଶକ୍ତିମନ୍ତ୍ରୀ କନକ୍ ବର୍ଦ୍ଧନ୍ ସିଂହଦେଓ ରାଜ୍ୟର୍ ବିଦ୍ୟୁତ୍ ଯୋଗାଣ୍ ଉପ୍‌ରେ ନଜର୍ ରଖିବାର୍ ଲାଗି ଡାଟା ମନିଟର୍ ସେଂଟର୍‌କେ ଉଦ୍‌ଘାଟନ୍ କରିଛନ୍ । ଦେଶେ ପହେଲାକରି ଏନ୍ତା ସେଂଟର୍ ଖୁଲାଯାଇଛେ ବଲି

ଉପମୁଖ୍ୟମନ୍ତ୍ରୀ କହିଛନ୍ । ଇତାର ଜରିଏ ରାଜ୍ୟର୍ କେନ୍‌ସି ଘରର୍ ବିଦ୍ୟୁତ୍ ମିଟରର୍ ପୁରା ତଥ୍ୟ ଉପ୍‌ରେ ନଜର୍ ରଖାଯିବାର୍ ସହେତେ କେନ୍‌ସି ଅସୁବିଧା ଦେଖାଦେଲେ ସମସ୍ୟାର୍ ସମାଧାନ୍ ଜଲ୍‌ଦି କରାଯାଇପାର୍‌ବା । ଇ ସେଂଟର୍ ଜରିଏ ବାତ୍ୟା, କାଲ୍‌ବୈଶାଖୀ ବାଗିର୍ ପ୍ରାକୃତିକ୍ ବିପର୍ଯ୍ୟୟ ସମିଆଥି ମୁକାବିଲା ଲାଗି ଆଗ୍‌ତୁରା ତୟାରି ଭିଲ୍ କରାଯାଇପାର୍‌ବା ବଲି ଉପମୁଖ୍ୟମନ୍ତ୍ରୀ କହିଛନ୍ ।

## ଗ୍ରାମ୍ୟ ଉନ୍ନୟନ୍ ବିଭାଗ୍-ମାସିକ୍ ସମୀକ୍ଷା ବୈଠକ୍

ଆଇ ଆଣ୍ଡ ପିଆର୍

ଗ୍ରାମ୍ୟ ଉନ୍ନୟନ୍ ବିଭାଗ୍‌ର ମାସିକ୍ ସମୀକ୍ଷା ବୈଠକ୍ ଆଏଜ୍ ବିଭାଗୀୟ ପ୍ରମୁଖ ଶାସନ୍ ସଚିବ ସଞ୍ଜୟ କୁମାର୍ ସିଂଙ୍କର୍ ଅଧ୍ୟକ୍ଷତାଥି ହେଇଯାଇଛେ । ଗ୍ରାମ୍ୟ ଉନ୍ନୟନ୍ ବିଭାଗ୍‌ର ସମ୍ମିଲନୀ କକ୍ଷ ଠାନେ ହେଇଥିବା ଇ ବୈଠକ୍‌ଥି ରାଜ୍ୟର୍ ୬୩ ଟା ଗ୍ରାମ୍ୟ ଉନ୍ନୟନ୍ ବିଭାଜନ୍‌ର କାମ୍ ସମୀକ୍ଷା ହେଇଥିଲା । ଇ ବୈଠକ୍‌ଥି ସବୁ ବିଭାଜନ୍‌ର ବିଭାଗୀୟ ଅଧିକାରୀମାନେ ଆଭାଷୀ ଜରିଏ ସାମିଲ୍ ହେଇକରି ନିର୍ମାଣାଧୀନ୍ ଥିବା ସବୁ ପ୍ରକଳ୍ପ ମାନ୍‌କର୍ ଥିତି ବାବ୍‌ଦେ ପ୍ରମୁଖ ଶାସନ୍ ସଚିବଙ୍କୁ ଜନେଇଥିଲେ ।

ପୁସ୍ତକ୍ ମେଳା          ସମ୍ବଲପୁର୍ ସମ୍ବାଦଦାତା

ନେସ୍‌ନାଲ୍ ବୁକ୍ ଟ୍ରଷ୍ଟ- ଏନ୍‌ବିଟି ଆର୍ ସେତୁ ଅନୁଷ୍ଠାନ୍ ତରଫୁ ଆଏଜ୍ ସମ୍ବଲ୍‌ପୁରର୍ ପିଏଚ୍‌ଡ଼ି ପଡ଼ିଆ ଠାନେ ପୁସ୍ତକ୍ ମେଳା ମୁଲ୍ ହେଉଛେ । ୯ ଦିନିଆ ପୁସ୍ତକ ମେଳାକେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ୍ ଉଦ୍‌ଘାଟନ୍ କର୍‌ବାର୍ କାର୍ଯ୍ୟକ୍ରମ୍ ରହିଛେ ।  ମେଳାଥି ୨ ଶହ ଟା ଷ୍ଟଲ୍ ରହେବା ଆର୍ ଫି’ ଦିନ୍ ଭିନ୍ ଭିନ୍ କାର୍ଯ୍ୟକ୍ରମ୍ ହେବା । ସ୍କୁଲ୍ ଛୁଆକର୍ ଲାଗି ଭିନ୍ ଭିନ୍ କାର୍ଯ୍ୟକ୍ରମ୍ ରହିଛେ । ପୁସ୍ତକ ମେଳାଥି ବହୁତ୍ କବି ଆର୍ ବିଦ୍ୱାନ୍ ଲୁକେ ଯୋଗ୍ ଦେବେ ।

ସମଲେଇ ମନ୍ଦିର୍- ଭୋଗ ବ୍ୟବସ୍ଥା          ସମ୍ବଲପୁର୍ ସମ୍ବାଦଦାତା

ସମଲେଶ୍ୱରୀ ମନ୍ଦିର୍ ନ ଆଏଜ୍‌ଠାନୁ ଭୋଗ ବ୍ୟବସ୍ଥା ଫେର୍‌ଘାଏ ମୁଲ୍ ହେଇଛେ । କେନ୍ଦ୍ରଶିକ୍ଷାମନ୍ତ୍ରୀ ଆର୍ ସମ୍ବଲ୍‌ପୁର୍ ସାଂସଦ୍ ଧର୍ମେନ୍ଦ୍ର ପ୍ରଧାନ୍ ସମଲେଇ ମନ୍ଦିର୍ ପରିସର୍ ନ ହେଇଥିବା ନୂଆଁ ଭୋଗମଣ୍ଡପ୍‌କେ ଉଦ୍‌ଘାଟନ୍ କର୍‌ବାର୍ ସହେତେ ଭୋଗ ବ୍ୟବସ୍ଥାର୍ ଶୁଭାରମ୍ଭ କରିଛନ୍ । ଇନ ଜନେଇ

ଦିଆଯାଇପାରେ ଯେ, ୪ ବରସ୍ ହେଲା କୋଭିଡ୍ ସମିଆନୁ ଭୋଗ ବ୍ୟବସ୍ଥା ବନ୍ଦ୍ ଥିଲା ।

ଖରିଫ୍ ଧାନ୍ ଘିନା        I&PR

ରାଏଜେ ଇ ଖରିଫ୍ ଋତୁ ଲାଗି ଧାନ୍ ଘିନା ପ୍ରକ୍ରିୟା ଜାରି ରହିଛେ । ଇଥି ସ୍ୱଚ୍ଛତା ଆନ୍‌ବାର୍ ଲାଗି ରାଜ୍ୟ ସର୍‌କାର୍ ଭିନ୍ ଭିନ୍ ପଦକ୍ଷେପ୍ ନଉଛନ୍ । ସବୁ ଜିଲ୍ଲାଥି ୨ ଶହ ୧୭ ଟା ଏନ୍‌ଫୋର୍ସ ଟିମ୍‌କେ ଇ କାମ୍‌ଥି ଲଗାଯାଇଛେ ଆଉ ବାହାର ରାଜ୍ୟର୍ ଧାନ୍ ଗାଡ଼ି ବାବଦ୍ ଅଭିଯୋଗ୍ ଉପ୍‌ରେ ତୁର୍‌ତି ପଦକ୍ଷେପ୍ ନିଆଯାଉଛେ । ଇ ଟିମ୍ ଖାସ୍ କରି ସିମ୍‌ନା ରାଜ୍ୟନୁ ଧାନ୍ ନେଇକରି ଆସୁଥିବାର୍ ଗାଡ଼ି ଉପ୍‌ରେ କଡ଼ା ନଜର୍ ରଖୁଛନ୍ । ସମ୍ପୃକ୍ତ ଜିଲ୍ଲାର୍ ଜିଲ୍ଲାପାଲ୍‌ମାନେ ଇ ବାବ୍‌ଦେ କନା ନିର୍ଦ୍ଦେଶ୍ ଦେବାର୍ ସହେତେ ଦର୍‌କାର୍ ଅନ୍‌ସାରେ ଏନ୍‌ଫୋର୍ସମେଂଟ୍ ମୁତୟନ୍ କରିଛନ୍ ।

ପକ୍ଷୀ ଗନ୍‌ତି    ସମ୍ବଲପୁର ସମ୍ବାଦଦାତା

ଜଙ୍ଗଲ୍ ପରିବେଶ୍ ଆଉ ଜଲ୍‌ବାୟୁ ପରିବର୍ତନ୍ ବିଭାଗ୍ ତର୍‌ଫୁ ଆଏଜ୍ ହୀରାକୁଦ୍ ଜଲ୍‌ଭଣ୍ଡାର୍ ନ ପକ୍ଷୀ ଗନ୍‌ତି କାମ୍ ଶେଷ୍ ହେଇଯାଇଛେ । ସଖାଲର୍ ୬ ବଜେନୁ ପକ୍ଷୀ ଗଣ୍‌ନା ମୁଲ୍ ହେଇକରି ବେଲ୍‌ବୁଡ଼ର୍ ୬ ବଜେତକ୍ ଚାଲିଥିଲା । ଇଥିର୍‌ଲାଗି ୨୧ ଟା ସେକ୍ଟର୍ କରାଯାଇଥିବାର୍ ବେଲେ ଜଲ୍‌ଭଣ୍ଡାର୍‌ର ୫ ଶହ ୩୩ ବର୍ଗ କିଲୋମିଟର୍ ଇଲାକ ନ ଇ ଗଣ୍‌ନା କରାଯାଇଥିଲା । ସେଆଡ଼େ ପାୱାର୍ କେନାଲ୍‌ର ୫ ଦଶ୍‌ମିକ୍ ୭ ବର୍ଗ କିଲୋମିଟର୍ ଇଥି ସାମିଲ୍ ଅଛେ । ଇ ବଛର୍ ଛତିଶ୍‌ଗଡ଼୍ ସୀମ୍‌ନାର୍ ସୁଖାସୋଢ଼ା ଆର୍ ଅନ୍ତରାଡ଼ି ତକ୍ ଇ ଗଣ୍‌ନା କରାଯାଇଛେ । ୭୦ ଝନ୍ ୩୨ ଟା ଦଲ୍‌ଥି ପକ୍ଷୀ ଗନ୍‌ତି କାମ୍ କରିଥିଲେ ।

ସେଆଡ଼େ ମହାନଦୀ ବନ୍ୟପ୍ରାଣୀ ଅଭୟାରଣ୍ୟର୍ ସାତକୋଶିଆ ଗଣ୍ଡ ନ ଭିଲ୍ ପକ୍ଷୀ ଗଣ୍‌ନା କାମ୍ ମୁଲ୍ ହେଇଛେ । ମହାନଦୀ ବନ୍ୟପ୍ରାଣୀ ଅଧିକାରୀଙ୍କର୍ ନେତୃତ୍ୱଥି କୁସଙ୍ଗ ରେଞ୍ଜ୍ ଅଧୀନ୍‌ଥି ୩ ଟା ଦଲ୍ ପକ୍ଷୀ ଗଣ୍‌ନାଥି ସାମିଲ୍ ହେଇଛନ୍ ।

ସମ୍ବଲ୍‌ପୁରୀ ଧନୁଯାତ୍ରା ସମ୍ବଲପୁର୍ ସମ୍ବାଦଦାତା

ସମ୍ବଲ୍‌ପୁରୀ ଧନୁଯାତ୍ରାର୍ ୪ ନମ୍ବର୍ ଦିନେ ଆଏଜ୍ ଚାଉଁର୍‌ପୁର୍ ନ ହେଇଥିବା ଗୋପପୁର ଠାନେ ରାସକେଳୀ ସାଙ୍ଗେ କାଳିଅ ଦଳନ କାର୍ଯ୍ୟକ୍ରମ୍ ହେଇଯାଇଛେ । ସେନ୍ତା ମଥୁରା ନଗରୀ ନ ଆଏଜ୍ କଂସ ମହାରାଜ୍‌ଙ୍କର୍ ନଗର୍ ଭ୍ରମଣ୍ କାର୍ଯ୍ୟକ୍ରମ୍ ହେଇଥିଲା । ବେଲ୍‌ବୁଢ଼େ କଂସଙ୍କର୍ ଗୋପପୁରର ସମାଚାର୍ ପ୍ରେରଣ, କୃଷ୍ଣ, ବଳରାମ୍‌ଙ୍କୁ ଧନୁଯାତ୍ରା ବୁଲାବାର୍ ଲାଗି ଅକ୍ରୁରଙ୍କୁ ଗୋପପୁର ପ୍ରେରଣ ବାଗିର୍ ଦୃଶ୍ୟ ଦେଖିବାର୍‌କେ ମିଲ୍‌ବା ।

ମହିଳା ପ୍ରଦର୍ଶନୀ ଫୁଟ୍‌ବଲ୍ ମେଚ ସମ୍ବଲପୁର୍ ସମ୍ବାଦଦାତା

ବୁର୍ଲା ହାଇସ୍କୁଲ୍ ପାଖର୍ ଖେଲ୍‌ପଡ଼ିଆଠାନେ ମହିଳା ପ୍ରଦର୍ଶନୀ ଫୁଟ୍‌ବଲ୍ ମେଚ୍ ହେଇଯାଇଛେ । ମେଚ୍‌ଥି କେନ୍ଦ୍ରଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ୍ ଅତିଥି ଭାବେ ଯୋଗ୍ ଦେଇଥିବାର୍ ବେଲେ ବିଧାୟକ୍ ଜୟନାରାୟଣ୍ ମିଶ୍ର, ସମ୍ବଲ୍‌ପୁର୍ ଜିଲ୍ଲାପାଲ୍ ସିଦ୍ଧେଶ୍ୱର୍ ବଳିରାମ୍ ବୋନ୍ଦର୍, ମହାନଗର ନିଗମ୍ ଆୟୁକ୍ତ ବେଦଭୂଷଣ୍ ପ୍ରମୁଖ ଉପସ୍ଥିତ୍ ଥିଲେ ।

ହକି ଇଣ୍ଡିଆ ଲିଗ୍ ଆର୍‌ଏନ୍‌ୟୁ / ସମ୍ବଲପୁର

ହକି ଇଣ୍ଡିଆ ଲିଗ୍‌ର ପୁରୁଷ ବର୍ଗଥି ଆଏଜ୍ ରାଂଚିଠାନେ ହାଇଦ୍ରାବାଦ୍ ତୋଫାନ୍ସ ଆର୍ ତାମିଲ୍‌ନାଡୁ ଡ୍ରାଗନ୍ସ ଭିତ୍‌ରେ ବେଲ୍‌ବୁଡ଼ର୍ ୬ ବଜୁ ଖେଲ୍ ଚାଲିଛେ । ସେଆଡ଼େ ଟିମ୍ ଗୋନାସିକା ଆର୍ ୟୁପି ରୁଦ୍ରାସ୍ ଭିତ୍‌ରେ ରାତିର୍ ୮ ବାଜିକରି ୧୫ ମିନିଟ୍‌ଥି ଖେଲ୍ ହେବା ।

ପାଣିପାଗ ଆର୍‌ଏନ୍‌ୟୁ/ ସମ୍ବଲ୍‌ପୁର୍

ରାଏଜେ ଶୀତ୍ ଲହରୀ ଜାରି ରହିଛେ । ଆଏବା ୩ ନୁ ୪ ଦିନ୍ ଭିତ୍‌ରେ ତାପମାତ୍ରା ଆହୁରି କମ୍‌ବା ବଲି ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍‌ଫୁ ଅନୁମାନ୍ କରାଯାଇଛେ । ଆଏବା ୩ ଦିନ୍ ବହଲିଆ କୁହୁଡ଼ି ହେବା ବଲି ୪ ଟା ଜିଲ୍ଲା ଲାଗି ସତର୍କ ସୂଚ୍‌ନା ଜାରି କରାଯାଇଛେ ।